**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**15 September - 2024**

**News Editor : *Itishree Singh Rathaur***

# ପ୍ରଧାନମନ୍ତ୍ରୀ- ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଝାଡ଼ଖଣ୍ଡର ଟାଟାନଗରରୁ ଓଡ଼ିଶାର ୨ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ସମେତ ମୋଟ୍ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ। ବ୍ରହ୍ମପୁର-ଟାଟାନଗର, ରାଉରକେଲା-ହାଓ୍ୱାଡ଼ା-ଟାଟାନଗର, ବାରଣାସୀ-ଦେଓଘର, ଟାଟାନଗର-ପାଟନା, ହାଓ୍ୱଡ଼ା-ଧନବାଦ-ଗୟା, ହାଓ୍ୱଡ଼ା-ଡୁମ୍‌କା-ଭାଗଲପୁର ଟ୍ରେନ୍‌ର ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ। ରାଜ୍ୟପାଳ ରଘୁବର ଦାସ ରାଉରକେଲାଠାରେ ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ରହ୍ମପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ସୂଚନା ଅନୁସାରେ, ତିତିଲାଗଡ଼ ଦେଇ ଯିବାକୁ ଥିବା ଦୁର୍ଗ-ବିଶାଖାପଟନମ୍ ବନ୍ଦେ ଭାରତ ଏକ୍ସପ୍ରେସର ଆସନ୍ତାକାଲି ଶୁଭାରମ୍ଭ ହେବ।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀଙ୍କ ଆସନ୍ତା ୧୭ ତାରିଖ ମଙ୍ଗଳବାର ଭୁବନେଶ୍ୱର ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ଏହା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ, ରାଜସ୍ୱ, କାର୍ଯ୍ୟନିର୍ବାହୀ ଅଦାଲତ ପ୍ରଥମାର୍ଦ୍ଧ ଛୁଟି ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀ- ବିକାଶ ମେଳା

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୧୯ରୁ ୨୨ ତାରିଖ ଯାଏଁ ବିକାଶ ମେଳା ଆୟୋଜିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀରେ ଏହି ମେଳାର ଉଦଘାଟନ କରିବେ। ଏଥିରେ  ବିଭିନ୍ନ ବିଭାଗର ପ୍ରାୟ ୫୦ଟି ଷ୍ଟଲ ପଡ଼ିବ। ସୂଚନା ଅନୁସାରେ, ସରକାରଙ୍କର ବିଭିନ୍ନ କଲ୍ୟାଣକାରୀ ଯୋଜନା ସହ ୧୦୦ ଦିନର ବିଭାଗୀୟ କାର୍ଯ୍ୟକଳାପ ଏବଂ ସଫଳତା ବିଷୟରେ ଏହି ମେଳା ମାଧ୍ୟମରେ ପ୍ରଚାର ପ୍ରସାର କରାଯିବ ।

# ଗ୍ଲୋବାଲ ବାୟୋଟେକ୍ନୋଲୋଜି ବୈଠକ

ଆଗାମୀ ଦିନରେ ବାୟୋଟେକ୍ନୋଲୋଜି ଭାରତୀୟ ଅର୍ଥନୀତିକୁ  ସମୃଦ୍ଧ କରିବ। ଏଥିରେ ସାମୁଦ୍ରିକ ଜୈବ ସମ୍ବଳ ପ୍ରମୁଖ ଭୂମିକା ଗ୍ରହଣ କରିବ।

ଏହାର ସଠିକ ଉପଯୋଗ କରିବା ପାଇଁ ଓଡ଼ିଶା ପ୍ରସ୍ତୁତ ହେଉଛି ବୋଲି ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ଆୟୋଜିତ ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୪ର ତୃତୀୟ ଦିନରେ 'ଟ୍ୟାପିଂ ଦ ବ୍ଲୁ ଇକୋନମି' ଶୀର୍ଷକରେ ଏକ ବିଶେଷ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ଯୋଗଦେଇ ସେ କହିଛନ୍ତି, ଓଡ଼ିଶାରେ ୪୮୦ କିଲୋମିଟର ସୁଦୀର୍ଘ ବେଳାଭୂମି ରହିଛି । ଏହାକୁ ଆଧାର କରି ମେରାଇନ୍ ବାୟୋ ଟେକ୍ନୋଲୋଜି କ୍ଷେତ୍ରକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି ବୋଲି ସେ କହିଛନ୍ତି ।

## ସାଂସଦଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ତାଙ୍କ ସଂସଦୀୟ କ୍ଷେତ୍ରରେ ୪ଟି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ସହଯୋଗ ଲୋଡ଼ିଛନ୍ତି । ଆଲୋଚନା ପରେ ପ୍ରକଳ୍ପ ଗୁଡ଼ିକ ପାଇଁ ଆବଶ୍ୟକ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ସାଂସଦ ସୂଚନା ଦେଇଛନ୍ତି ।

ଏହି ୪ଟି ପ୍ରକଳ୍ପ ମଧ୍ୟରେ ଜଟଣୀ ତହସିଲ ଅନ୍ତର୍ଗତ ବିଂଝଗିରିଠାରେ ଜାତୀୟ ଯୋଗ ଓ ନେଚରପ୍ୟାଥି ଗବେଷଣା ପ୍ରତିଷ୍ଠାନ ପାଇଁ ୨୦ ଏକର ଜମି ଯୋଗାଇଦେବାକୁ ସାଂସଦ ଅନୁରୋଧ କରିଛନ୍ତି । ସେହିଭଳି

ଭୁବନେଶ୍ୱରରେ ନ୍ୟାସନାଲ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟର ଆଞ୍ଚଳିକ ଶାଖା ଖୋଲିବା ସହ ମା' ଉଗ୍ରତାରା ଶକ୍ତିପୀଠରେ ଅଟକି ରହିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ସାଂସଦ ଅନୁରୋଧ କରିଥିବା ଜଣାପଡ଼ିଛି ।

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ୍ ୨ ଲକ୍ଷ ୬୭ ହଜାର ୧୩ଟି ମାମଲାର ସମାଧାନ ହୋଇଛି। ଏଥିମଧ୍ୟରୁ ୧୯୫ କୋଟି ୪୯ ଲକ୍ଷ ୨୭ ହଜାର ଟଙ୍କା ଆଦାୟ ପାଇଁ ବିଭିନ୍ନ ପକ୍ଷକୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣସିଂ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ୨ ଲକ୍ଷ ୪୨ ହଜାର ୭୫୭ଟି ରାଜସ୍ୱ ମାମଲା ଏବଂ ଅଦାଲତରେ ପଡ଼ି ରହିଥିବା ୧୮ ହଜାର ୨୬୬ଟି ମାମଲାର ସମାଧାନ କରାଯାଇଥିଲା।

## ଉତ୍କେଳାକୁ ବିମାନ ଚଳାଚଳ

ଭୁବନେଶ୍ୱରରୁ କଳାହାଣ୍ଡିର ଉତ୍କେଳାକୁ ଏଣିକି ସପ୍ତାହରେ ୪ ଦିନ ବିମାନ ଚଳାଚଳ କରିବ। ଆଜିଠାରୁ ପ୍ରତ୍ୟେକ ରବିବାର ମଧ୍ୟ ଉତ୍କେଳାକୁ ବିମାନ ଚଳାଚଳ କରିବ । ଏ ନେଇ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ସାମାଜିକ

ଗଣମାଧ୍ୟମରେ ସୂଚନା ଦିଆଯାଇଛି । ପୂର୍ବରୁ ମଙ୍ଗଳବାର, ଗୁରବାର ଏବଂ ଶନିବାର ଉତ୍କେଳାକୁ ବିମାନ ଚଳାଚଳ କରୁଥିଲା ।

# ପଞ୍ଚଶଖା ଶିକ୍ଷାସେତୁ ଅଭିଯାନ

"ମୋ' ସ୍କୁଲ ଅଭିଯାନ"ର ନାମ ପରିବର୍ତ୍ତନ କରାଯାଇ "ପଞ୍ଚଶଖା ଶିକ୍ଷାସେତୁ" ଅଭିଯାନ ରଖାଯାଇଛି। ପୂର୍ବରୁ ଜୁଲାଇ ୨୫ରେ ବଜେଟ୍ ଅଧିବେଶନରେ ଏ ନେଇ ସୂଚନା ଦିଆଯାଇଥିଲା।

# ଶ୍ରୀମନ୍ଦିରରେ ବାମନ ଜନ୍ମନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅପରାହ୍ନ ୫ରୁ ରାତି ୮ଟା ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ନୀତି ପାଇଁ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ପକ୍ଷୀ ଗଣନା କାର୍ଯ୍ୟ ଶେଷ

କେନ୍ଦ୍ରାପଡ଼ା ସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ଗଣନା କାର୍ଯ୍ୟ ଶେଷ ହୋଇଛି। ଏହି ସମୟରେ ଭିତରକନିକାରେ ମୋଟ୍ ୧ ଲକ୍ଷ ୩୦ ହଜାର ୧୨୩ ଦେଶୀୟ ପକ୍ଷୀ ଥିବା ଜଣାପଡ଼ିଛି।

# ପାଣିପାଗ

ବାଂଲାଦେଶ ଓ ତତ୍ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗଭୀର ଅବପାତ ଆଜି ସୁଦ୍ଧା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବ। ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେଇ ଝାଡଖଣ୍ଡ ଓ ଉତ୍ତର ଛତିଶଗଡ଼ ଦେଇ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବ । ଏହାର ପ୍ରଭାବରେ ଆଜି ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ମୟୂରଭଞ୍ଜ, ବରଗଡ଼, ସୋନପୁର, ଅନୁଗୋଳ, କେନ୍ଦୁଝର ଓ ଦେବଗଡ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି।

*****